# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 27th July – 2026

*************************************

## ମୁଖ୍ୟ ସମ୍ବାଦ

- ପୁରୀରେ ନୀଳାଦ୍ରିବିଜେରେ ଆଜି ରତ୍ନ ସିଂହାସନକୁ ପ୍ରତ୍ୟାବର୍ତ୍ତନ କରୁଛନ୍ତି ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତି ।

- ଲୋକସଭାରେ ଆଗତ ହେଲା ସାର୍ବଜନୀନ ପରୀକ୍ଷା ସଂଶୋଧନ ବିଧେୟକ-୨୦୨୬ ।

- ଜନ ଅଭିଯୋଗ ଶୁଣାଣି ମାଧ୍ୟମରେ ବ୍ୟବସ୍ଥା ଉପରେ ଲୋକଙ୍କ ଭରସା ବୃଦ୍ଧି ପାଉଥିବା କହିଲେ ମୁଖ୍ୟମନ୍ତ୍ରୀ ।

- ରାଜ୍ୟରେ ବର୍ଷାଜନିତ ପରିସ୍ଥିତିର ପ୍ରସ୍ତୁତି ସମୀକ୍ଷା କରି ୨୪ ଘଣ୍ଟିଆ ସତର୍କତା ଓ ରିଲିଫ୍ ବ୍ୟବସ୍ଥା ଉପରେ ଗୁରୁତ୍ୱ ପ୍ରଦାନ କଲେ ରାଜସ୍ୱ ମନ୍ତ୍ରୀ ।

ଏବଂ

- ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଅବପାତ ଗଭୀର ଅବପାତରେ ପରିଣତ; ୩ଟି ଜିଲ୍ଲାରେ ଅତି ପ୍ରବଳ ବର୍ଷା ସମ୍ଭାବନା ।

*Puri/R*

# ନୀଳାଦ୍ରିବିଜେ

ଶ୍ରୀକ୍ଷେତ୍ର ପୁରୀରେ ଆଜି ଆଷାଢ଼ ଶୁକ୍ଲପକ୍ଷ ତ୍ରୟୋଦଶୀ ତିଥିରେ ଶ୍ରୀଜୀଉଙ୍କ ନୀଳାଦ୍ରି ବିଜେ ନୀତି ଅନୁଷ୍ଠିତ ହେଉଛି। ସକାଳୁ ୩ ରଥରେ ମଙ୍ଗଳ ଆଳତି, ମଇଲମ, ଅବକାଶ ପୂଜା, ଗୋପାଳବଲ୍ଲଭ, ସକାଳଧୂପ, ଦ୍ୱିପ୍ରହର ଧୂପ ଆଦି ଦୈନିକ ନୀତି ସମ୍ପନ୍ନ ହୋଇଛି। ପରେ ସନ୍ଧ୍ୟା ଆଳତୀ ଓ ସନ୍ଧ୍ୟାଧୂପ ନୀତି ଶେଷ କରାଯାଉଛି। ଏହାପରେ ଚାରମାଳ ବନ୍ଧାଯିବା ସହ ବନ୍ଦାବନା ଓ ଡୋର ଲାଗି ଶେଷ ହୋଇ ବିଜେ କାହାଳୀ ବାଜିବ। ପ୍ରଥମେ ମଦନମୋହନ ଓ ରାମକୃଷ୍ଣ ବିଗ୍ରହଙ୍କୁ ଦକ୍ଷିଣ ଘରକୁ ପହଣ୍ଡି ବିଜେ କରାଯିବ । ଏହାପରେ  ଗୋଟି ପହଣ୍ଡିରେ ପ୍ରଥମେ ସୁଦର୍ଶନ, ପରେ ବଳଭଦ୍ର, ଦେବୀ ସୁଭଦ୍ରା ଓ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପହଣ୍ଡି ହୋଇ ରତ୍ନବେଦୀକୁ ବିଜେ କରିବେ। କାଳିଆ ସାଆନ୍ତଙ୍କ ପହଣ୍ଡି ସମୟରେ ଆଉ ଏକ ମାନବୀୟ ଲୀଳା ଦେଖିବାକୁ ମିଳିବ । ରଥଯାତ୍ରାରେ ମା' ଲକ୍ଷ୍ମୀଙ୍କୁ ସାଥିରେ ନେଇ ନ ଥିବାରୁ ଅଭିମାନିନୀ ମା' ଲକ୍ଷ୍ମୀ ଶ୍ରୀଜଗନ୍ନାଥଙ୍କ ପହଣ୍ଡି ସମୟରେ ଦ୍ୱାର ବନ୍ଦ କରିଦେବେ । ପରେ  ଶ୍ରୀମନ୍ଦିରରେ ପ୍ରବେଶ ପୂର୍ବରୁ ମହାପ୍ରଭୁ ମା' ଲକ୍ଷ୍ମୀଙ୍କୁ ରସଗୋଲା ସହ ପାଟବସ୍ତ୍ର ଦେଇ ମାନଭଞ୍ଜନ କରିବାର ପରମ୍ପରା ରହିଛି। ନୀଳାଦ୍ରିବିଜେ ପାଇଁ ପୁରୀରେ ଜନ ସମାଗମ ଲାଗିରହିଛି । ଏଥିଲାଗି ପୁଲିସ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି ।

*Kendrapara, Nayagarh, Sonepur/R*

# ଜିଲ୍ଲା - ନୀଳାଦ୍ରିବିଜେ

କେନ୍ଦ୍ରାପଡ଼ାର ଆରାଧ୍ୟ ଦେବତା ଶ୍ରୀବଳଦେବଜିଉଙ୍କର ନୀଳାଦ୍ରିବିଜେ ନୀତି ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଶ୍ରୀଗଣେଶ, ଚକ୍ରରାଜ ସୁଦର୍ଶନ ରଥରୁ ମନ୍ଦିରକୁ ବିଜେ ହୋଇଥିଲେ । ପରେ ଶ୍ରୀବଳଦେବ, ମା’ ସୁଭଦ୍ରା ଏବଂ ଶ୍ରୀଜଗନ୍ନାଥଙ୍କୁ ଟାହିଆ ଲଗାଯାଇ ଆରତି ନୀତି ସମ୍ପାଦନ ହୋଇଥିଲା । ଧାଡ଼ି ପହଣ୍ଡିରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ନୀଳାଦ୍ରିବିଜେ କରାଯାଇଥିଲା ।

ନୟାଗଡ଼ ଜିଲ୍ଲାର ରଣପୁରରେ ଆଜି ଚତୁର୍ଦ୍ଧାମୂର୍ତ୍ତିଙ୍କ ନୀଳାଦ୍ରିବିଜେ ନୀତି ସମ୍ପନ୍ନ ହୋଇଛି । ମଙ୍ଗଳାଳତି ପରେ ଅପରାହ୍ଣରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଗୋଟି ପହଣ୍ଡିରେ ନୀଳାଦ୍ରିବିଜେ କରାଯାଇଥିଲା । ପ୍ରଥମେ ପ୍ରଭୁ ସୁଦର୍ଶନ ପରେ ପ୍ରଭୁ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କୁ ମନ୍ଦିରକୁ ବିଜେ କରାଯାଇଥିଲା । ଶେଷରେ ପ୍ରଭୁ ଜଗନ୍ନାଥଙ୍କ ପହଣ୍ଡି ସମୟରେ ମା’ ଲକ୍ଷ୍ମୀ ଚାହାଣି ମଣ୍ଡପକୁ ଆସିବା ପରେ ମନ୍ଦିରବିଜେ ନୀତି ଅନୁଷ୍ଠିତ ହୋଇଥିଲା । ଠାକୁରମାନଙ୍କୁ ରତ୍ନ ସିଂହାସନରେ ବିଜେ କରାଯିବା ପରେ ମାଘ ସ୍ନାନ ସହ ଅନ୍ୟାନ୍ୟ ନୀତିକାନ୍ତି ସମ୍ପାଦନ କରାଯାାଇଥିଲା ।

ସୁବର୍ଣ୍ଣପୁର ଜିଲ୍ଲାର କୋଟସମଲାଇସ୍ଥିତ ପାତାଳୀ ଶ୍ରୀକ୍ଷେତ୍ରରେ ନୀଳାଦ୍ରିବିଜେ ପାରମ୍ପରିକ ରୀତିନୀତିରେ ଅନୁଷ୍ଠିତ ହୋଇଯାଇଛି । ନବଦିନାତ୍ମକ ରଥଯାତ୍ରା ସମ୍ପନ୍ନ ହେବା ପରେ ଚତୁର୍ଦ୍ଧାମୂର୍ତ୍ତି ମନ୍ଦିରକୁ ବିଜେ କରିଛନ୍ତି ।

***Desk***

# ସଂସଦ ମୁଲତବୀ

ଲୋକସଭାରେ ଆଜି ସାର୍ବଜନୀନ ପରୀକ୍ଷା ସଂଶୋଧନ ବିଧେୟକ-୨୦୨୬ ଆଗତ ହୋଇଛି। ସାର୍ବଜନୀନ ପରୀକ୍ଷା ଅଧିନିୟମ ୨୦୨୪ରେ କେତେକ ସଂଶୋଧନ କରାଯାଇ ଏହି ସଂଶୋଧନ ବିଧେୟକ ସଂସଦର ମଂଜୁରୀ ଲାଗି ଆଗତ କରାଯାଇଛି । ସାଧାରଣ ଅଭିଯୋଗ ଏବଂ ପେନସନ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂ ଏହି ବିଧେୟକ ଆଗତ କରିଥିଲେ । ବିଧେୟକ ଆଗତ ସମୟରେ ବିରୋଧୀ ସଦସ୍ୟମାନେ ନିଟ୍ ଘଟଣାରେ ବିକ୍ଷୋଭରତ ଛାତ୍ରଛାତ୍ରୀଙ୍କ ଉପରେ ପୋଲିସ୍‌ର ପଦକ୍ଷେପ ଉପରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ । ବାଚସ୍ପତି ଓମ୍ ବିର୍ଲା’ ସଦସ୍ୟମାନଙ୍କୁ ଆଲୋଚନାରେ ଭାଗ ନେଇ ସେମାନଙ୍କ ମତାମତ ଉପସ୍ଥାପନ ଲାଗି ଆହ୍ୱାନ ଦେଇଥିଲେ ।

ଏ ପ୍ରସଙ୍ଗରେ ଗୃହରେ ବିରୋଧୀଙ୍କ ହଟ୍ଟଗୋଳ ଲାଗି ରହିଥିଲା । ଉଭୟ ଲୋକସଭା ଓ ରାଜ୍ୟସଭାକୁ ଆଜିପାଇଁ ମୁଲତବୀ ଘୋଷଣା କରାଯାଇଛି ।

***BBSR/R***

# ମୁଖ୍ୟମନ୍ତ୍ରୀ - ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭୁବନେଶ୍ୱର ୟୁନିଟ୍-୨ ସ୍ଥିତ ଅଭିଯୋଗ ପ୍ରକୋଷ୍ଠରେ ଲୋକଙ୍କ ଅଭିଯୋଗର ଶୁଣାଣି କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ସହ ମନ୍ତ୍ରିମଣ୍ଡଳର ୬ ଜଣ ବରିଷ୍ଠ ମନ୍ତ୍ରୀ ଉପସ୍ଥିତ ଥିଲେ । ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟ ସରକାରଙ୍କଠାରୁ ଆରମ୍ଭ କରି ଜିଲ୍ଲାସ୍ତର ପର୍ଯ୍ୟନ୍ତ ଅଭିଯୋଗଗୁଡ଼ିକର ଶୁଣାଣି କରାଯାଉଛି । ଏଥିପାଇଁ ସମାଧାନର ହାର ବୃଦ୍ଧି ପାଉଛି । ପୂର୍ବରୁ ଅନୁଷ୍ଠିତ ୧୮ଟି ପାଳିରେ ଆସିଥିବା ଅଭିଯୋଗ ମଧ୍ୟରୁ ୯୬ ପ୍ରତିଶତ ଅଭିଯୋଗର ସମାଧାନ କରାଯାଇଛି ।

***Voice (CM)*** :........

ଶ୍ରୀ ମାଝୀ ଆଜି ବିଭିନ୍ନ ରୋଗରେ ପୀଡ଼ିତ ୧୨ ଜଣଙ୍କପାଇଁ ୬ ଲକ୍ଷ ୧୫ ହଜାର ଟଙ୍କାର ଚିକିତ୍ସା ସହାୟତା ମଞ୍ଜୁର କରିଛନ୍ତି ।

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି ।

***IPR***

# ସମୀକ୍ଷା ବୈଠକ

ରାଜ୍ୟରେ ଗଭୀର ଅବପାତଜନିତ ବର୍ଷା ସ୍ଥିତି ନେଇ ରାଜସ୍ୱ ଓ ବିପର୍ଯ୍ୟୟ ମନ୍ତ୍ରୀ ସୁରେଶ ପୂଜାରୀ ଆଜି ଭୁବନେଶ୍ୱର ଲୋକସେବା ଭବନରେ

ଏକ ସମୀକ୍ଷା କରିଛନ୍ତି। ବୈଠକରେ ମନ୍ତ୍ରୀ ଜିଲ୍ଲାଭିତ୍ତିକ ପ୍ରସ୍ତୁତିର ଆକଳନ କରିବା ସହ ସମସ୍ତ ଜିଲ୍ଲା ପ୍ରଶାସନକୁ ୨୪ ଘଣ୍ଟିଆ ସତର୍କତା ଅବଲମ୍ବନ କରିବା ସହ ରିଲିଫ୍ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ମନ୍ତ୍ରୀ କହିଛନ୍ତି, ଜନସାଧାରଣଙ୍କୁ ଜୀବନର ସୁରକ୍ଷା ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା । ଆବଶ୍ୟକତା ଅନୁଯାୟୀ ବିପଦପୂର୍ଣ୍ଣ ସ୍ଥାନରୁ ଲୋକଙ୍କ ସ୍ଥାନାନ୍ତରଣ, ରନ୍ଧା ଓ ଶୁଖିଲା ଖାଦ୍ୟ ବଣ୍ଟନ, ପାନୀୟ ଜଳ ବ୍ୟବସ୍ଥା ଆଦି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଶ୍ରୀ ପୂଜାରୀ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷାକରି କାର୍ଯ୍ୟ କରିବା ତଥା ପରିସ୍ଥିତିର ତ୍ୱରିତ ମୁକାବିଲାପାଇଁ ଗୁରୁତ୍ୱାରୋପ କରିଛନ୍ତି ।

***BBSR/R***

## ସ୍ନାତକୋତ୍ତର ନାମଲେଖା

ରାଜ୍ୟରେ ୨୦୨୬-୨୭ ଶିକ୍ଷାବର୍ଷପାଇଁ ସ୍ନାତକୋତ୍ତର ପାଠ୍ୟକ୍ରମରେ ଆଜିଠାରୁ ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଛି । ଛାତ୍ରଛାତ୍ରୀମାନେ ଆସନ୍ତା ମାସ ୨ ତାରିଖ ପର୍ଯ୍ୟନ୍ତ ସାମ୍ସ ପୋର୍ଟାଲ୍‌ରେ ଚଏସ୍ ଲକିଂ କରିପାରିବେ । ଅଗଷ୍ଟ ୭ ତାରିଖରେ ପ୍ରଥମ ମେଧାତାଲିକା ପ୍ରକାଶ ପାଇବ । ଏଥିରେ ଚୟନ ହୋଇଥିବା ଛାତ୍ରଛାତ୍ରୀ ୧୧ ତାରିଖ ପର୍ଯ୍ୟନ୍ତ ନାମ ଲେଖାଇ ପାରିବେ । ୧୭ ତାରିଖରେ ଦ୍ୱିତୀୟ ମେଧାତାଲିକା ପ୍ରକାଶ ପାଇବା ସହ ୨୧ ତାରିଖରେ ସ୍ନାତକୋତ୍ତର ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ ହେବ ବୋଲି

ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି । ଚଳିତ ଶିକ୍ଷାବର୍ଷପାଇଁ ରାଜ୍ୟର ୧୩୫ଟି ଉଚ୍ଚଶିକ୍ଷାନୁଷ୍ଠାନରେ ୩୨ ହଜାର ୫୩୧ଟି ସିଟ୍ ରହିଛି ।

*IPR*

## ବି.ଏଡ୍ ନାମଲେଖା

ରାଜ୍ୟରେ ୨୦୨୬-୨୭ ଶିକ୍ଷାବର୍ଷପାଇଁ ଦୁଇବର୍ଷିଆ ବି.ଏଡ୍., ବି.ଏଚ୍.ଏଡ୍., ଏମ୍.ଏଡ୍. ପାଠ୍ୟକ୍ରମରେ ନାମ ଲେଖାଇବାପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଆଜିଠାରୁ ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ସାମ୍ସ ପୋର୍ଟାଲ୍‌ରେ ନିଜ ପସନ୍ଦର ଶିକ୍ଷାନୁଷ୍ଠାନରେ ନାମ ଲେଖାଇବାପାଇଁ ଚଏସ୍. ଲକିଂ କରିପାରିବେ । ଅଗଷ୍ଟ ୧୧ ତାରିଖରେ ପ୍ରଥମ ମେଧାତାଲିକା ପ୍ରକାଶ ପାଇବ । ୨୫ ତାରିଖରୁ ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ ହେବ । ଚଳିତ ଶିକ୍ଷାବର୍ଷରେ ୩୧ଟି ଉଚ୍ଚଶିକ୍ଷାନୁଷ୍ଠାନରେ ବି.ଏଡ୍., ବି.ଏଚ୍.ଏଡ୍. ଏବଂ ଏମ୍.ଏଡ୍. ପାଠ୍ୟକ୍ରମରେ ନାମଲେଖାପାଇଁ ୨ ହଜାର ୮ ଶହଟି ସିଟ୍ ରହିଛି ।

*Desk*

## ପି.ଜି.ଟି. କର୍ମଶାଳା

ରାଜ୍ୟର ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ନିଯୁକ୍ତି ପାଇଥିବା ପି.ଜି.ଟି. ଶିକ୍ଷକ ଶିକ୍ଷୟିତ୍ରୀପାଇଁ ଦିଗ୍‌ଦର୍ଶନ

କର୍ମଶାଳାର ଆୟୋଜନ କରାଯାଇଛି । ଏଥିରେ ୧୨୦ ଜଣ ଅଂଶଗ୍ରହଣ କରିଥିଲେ ।

***Sambalpur/R***

## ସୁଶାନ୍ତ ସିଂହ - ଶ୍ରଦ୍ଧାଞ୍ଜଳି

ବି.ଜେ.ଡି. ନେତା ତଥା ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂହଙ୍କ ପରଲୋକକ ପରେ ତାଙ୍କ ପାର୍ଥିବ ଶରୀରକୁ ଓଡ଼ିଶା ବିଧାନସଭା ପରିସରକୁ ଶେଷଦର୍ଶନପାଇଁ ନିଆଯାଇଥିଲା । ସେଠାରେ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏହାପରେ ତାଙ୍କ ପାର୍ଥିବ ଶରୀରକୁ ବରଗଡ଼ ଅଭିମୁଖେ ନିଆଯାଉଛି । ଆସନ୍ତାକାଲି ପୂର୍ବାହ୍ନ ୯ଟାରେ ଜନ୍ମମାଟି ବାଉସେନ୍‌ମୁରା ଗାଁରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ । ସୂଚନା ଅନୁସାରେ ଏମ୍‌ସ ଭୁବନେଶ୍ୱରରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ହୋଇଥିଲା ।

***Nayagarh/R***

## ଆବାସ ଯୋଜନା

ନୟାଗଡ଼ ଜିଲ୍ଲା ଦଶପଲ୍ଲା ବିଜ୍ଞପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ପରିସରରେ ଯୋଗ୍ୟ ହିତାଧିକାରୀମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରୀ)-୨.୦ର କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି । ଦଶପଲ୍ଲା

ଏନ୍.ଏ.ସି.ର ୧୬ଟି ୱାର୍ଡ଼ରୁ ୩ ଶହ ଯୋଗ୍ୟ ହିତାଧିକାରୀଙ୍କୁ ଚୟନ କରାଯାଇ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି । ପ୍ରଥମ ଦିନରେ ୩୨ ଜଣଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିବାବେଳେ ଅନ୍ୟାନ୍ୟ ହିତାଧିକାରୀମାନଙ୍କୁ ପରବର୍ତ୍ତୀ ସମୟରେ କାର୍ଯ୍ୟାଦେଶ ବଣ୍ଟନ କରାଯିବ ବୋଲି ତହସିଲ୍‌ଦାର କହିଛନ୍ତି ।

***Ganjam/R***

# ପ୍ରାଣୀ ଆମ୍ବୁଲାନ୍ସ

ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ମହାନଗର ନିଗମ, ଖଲ୍ଲିକୋଟ ବିଜ୍ଞପିତ ଅଞ୍ଚଳ, ପୋଲସର ଏନ୍.ଏ.ସି. ଏବଂ ଗୋପାଳପୁର ବିଜ୍ଞପିତ ଅଞ୍ଚଳକୁ ସ୍ୱତନ୍ତ୍ର ପ୍ରାଣୀ ଉଦ୍ଧାର ଯାନ ପ୍ରଦାନ କରାଯାଇଛି । ଜିଲ୍ଲାପାଳ ଭି. କୀର୍ତ୍ତିଭାସନ ପ୍ରାଣୀ ଉଦ୍ଧାର ଯାନର ଶୁଭାରମ୍ଭ କରିଥିଲେ । ପୂର୍ବରୁ ବ୍ରହ୍ମପୁର ମହାନଗର ନିଗମ, ଖଲ୍ଲିକୋଟ ଓ ପୋଲସରା ବିଜ୍ଞପିତ ଅଞ୍ଚଳରେ ପ୍ରାଣୀ ଉଦ୍ଧାର ଯାନ କାର୍ଯ୍ୟକାରୀ ହୋଇଛି ।

***Desk***

# ପାଣିପାଗ

ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସୃଷ୍ଟ ଲଘୁଚାପ ଘନୀଭୂତ ହୋଇ ଅବପାତ ରୂପ ନେବା ପରେ ଆହୁରି ଘନୀଭୂତ ହୋଇ ଗଭୀର ଅବପାତରେ ପରିଣତ ହୋଇଛି । ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି । ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ନେଇ ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ସେହିଭଳି ୨୭ଟି ଜିଲ୍ଲାରେ ବିଜୁଳି ଓ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବା ସମ୍ଭାବନା ରହିଛି ।

******